# ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,ପୁରୀଙ୍କ କାର୍ଯ୍ୟାଳୟ

ପତ୍ର ସଂଖ୍ୟା ୨୪୬୪ ତାରିଖ ୨୮.୭.୨୫

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉ ଅଛି କି ସାକ୍ଷୀଗୋପାଳ କୃଷି ଫାର୍ମରେ ଥିବା ୮୦ ଟା ଫଳନ୍ତି ନଡିଆ ଗଛ ଫଳଗୁଡିକ ୨୦୨୫-୨୬ ଠାରୁ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ସର୍ବସାଧାରଣରେ ନିଲାମ କରାଯିବାକୁ ସ୍ଥିରକରାଯାଇଅଛି । ନିଲାମ ଧରିବା ପାଇଁ ସର୍ବନିମ୍ନ ମୂଲ୍ୟ ସାକ୍ଷୀଗୋପାଳ ଫାର୍ମ ପାଇଁ ବାର୍ଷିକ ଟ.୩୦,୦୦୦ /- (ତିରିଶ ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଏହି ନିଲାମକାର୍ଯ୍ୟକ୍ରମ ପାଇଁ ଇଚ୍ଛୁକ ଜନସାଧାରଣ ସେମାନଙ୍କ ନିଲାମ ମୂଲ୍ୟ ଏକ ସାଧାକାଗଜରେ ଲେଖି ଅମାନତ ବାବଦକୁ ଟ.୫୦୦୦/- ର ((**Chief District Agriculture Officer, Puri, Payable at Puri** ନାମରେ) ଏକ ବ୍ୟାଙ୍କ ଡ୍ରାଫ୍ଟ ସହିତ ଜଉମୁଦା ଲଫାପାରେ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୦୫.୦୮.୨୦୨୫ ରିଖ ଅପରାହ୍ନ ୦୨.୦୦ ଘଟିକା ସୁଧା ଦାଖଲକରିବେ । ଉକ୍ତ ଦିନ ଅପରାହ୍ନ ୦୪.୦୦ ଘଟିକା ସମୟରେ ଏକ କମିଟି ମାଧ୍ୟମରେ ଲଫାପା ଖୋଲାଯାଇ ସବୁଠାରୁ ଅଧିକ ମୂଲ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଉକ୍ତ ନିଲାମ ପ୍ରଦାନ କରାଯିବ ଏବଂ ସେହିଦିନ ଉକ୍ତ ବ୍ୟକ୍ତି ନିଲାମ ମୂଲ୍ୟ କାର୍ଯ୍ୟାଳୟରେ ଜମାକରିବେ ଓ ଉପଯୁକ୍ତ ଆଦେଶନାମା ଗ୍ରହଣକରିବେ । ନିଲାମ ନେବାପାଇଁ ବିବେଚିତ ହୋଇ ସଂପୂର୍ଣ୍ଣ ଅର୍ଥ ସେହିଦିନ ଜମା ନକଲେ, ଅମାନତ ମୂଲ୍ୟ ବାଯ୍ୟାପ୍ତି ହେବ । ନିଲାମ ନେବା ଦିନ ଠାରୁ ୩୧.୦୩.୨୦୨୮ ତାରିଖ ପର୍ଯ୍ୟନ୍ତ ଉକ୍ତ ଗଛର କେବଳ ଫଳ (ପଇଡ ନୁହେଁ) ତୋଳିବା ପାଇଁ ହକଦାର ହେବ । ପରବର୍ତୀ ୨ ବର୍ଷ ପାଇଁ ଯଥାକ୍ରମେ ୧୫.୩.୨୦୨୬ ଓ ୧୫.୩.୨୦୨୭ ମଧ୍ୟରେ ନିଲାମ ମୂଲ୍ୟର ସମ ପରିମାଣ ଅର୍ଥ ଦାଖଲ କରି ମଞ୍ଜୁରୀ ପ୍ରାପ୍ତ ନିଲାମଧାରୀ ନିଲାମ କାଏମ ରଖିପାରିବେ । ଅନ୍ୟଥା ଏହା ବାତିଲ କରାଯାଇ ନୂତନ ନିଲାମ ନୋଟିସ ପ୍ରକାଶ କରାଯିବ । ପ୍ରକାଶଥାଉକି ଉପରୋକ୍ତ ଫଳର ଜଗାରଖା ଦାୟିତ୍ୱ ନିଲାମ ନେଇଥିବା ବ୍ୟକ୍ତି ନିଜେ ବହନକରିବେ । ନିଲାମ ନେବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା ପ୍ରୋତ୍ସାହିତ କୌଣସି ବ୍ୟକ୍ତି ଫାର୍ମ ଭିତରେ କୌଣସି ଅପ୍ରିତିକର କାର୍ଯ୍ୟ କରିବେ ନାହିଁ କିମ୍ବା ଏପରି କାର୍ଯ୍ୟରେ ସଂପୃକ୍ତ ରହିବେ ନାହିଁ । ଚୋରି କିମ୍ବା ପ୍ରାକୃତିକ ଦୁର୍ବିପାକ ଯୋଗୁ ଯଦି ଫଳ ନଷ୍ଟ ହୁଏ, ତେବେ ନିମ୍ନ ସାକ୍ଷରକାରୀ ସେଥିପାଇଁ ଦାୟୀ ରହିବେ ନାହିଁ ଓ ନିଜର ଅଧିକାର ବଳରେ ଉକ୍ତ ନିଲାମକୁ ଯେକୌଣସି ମୂହୁର୍ତ୍ତରେ କାରଣ ନ ଦର୍ଶାଇ ବାତିଲ କରିପାରିବେ ।

**ବି.ଦ୍ର: ଜଉମୁଦ ଲଫାପା ଉପରେ ଫାର୍ମର ନାମ ଉଲ୍ଲେଖ କରିବେ ।**

(Signature) 28/7/25
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୬୬ ତାରିଖ ୨୮-୭-୨୫

ଏହାର ଏକକିତା ନକଲ ଏହି ଦପ୍ତରର ନୋଟିସ୍ ବୋର୍ଡରେ ଜନସାଧାରଣଙ୍କ ଗୋଚରାର୍ଥେ ଲଗାଗଲା ।

(Signature) 28/7/25
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୬୭ ତାରିଖ ୨୮-୭-୨୫

ଏହାର ଏକକିତା ନକଲ ଏହି ଦପ୍ତରର ମୁଖ୍ୟ କିରାଣୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଯଥା ନିଲାମ ବାକ୍ସଦ୍ୱାରା ଜଉମୁଦ ଲଫାପା ଗ୍ରହଣ କରିବା ନିମନ୍ତେ ପଠାଗଲା ।

(Signature) 28/7/25
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୫୭ ତାରିଖ ୨୮.୭.୨୪

ଏହାର ଏକକିତା ନକଲ କୃଷି ଓଭରସିୟର, ସାକ୍ଷିଗୋପାଳ ଫାର୍ମ / ପିପିଲି ଫାର୍ମ / ଓଳାଂଶଫାର୍ମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ଫାର୍ମ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୫୮ ତାରିଖ ୨୮.୭.୨୪

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀ /ଉପ ଜିଲ୍ଲାପାଳ, ପୁରୀ / ଜିଲ୍ଲା କୃଷି ଅଧିକାରୀ, ସାକ୍ଷିଗୋପାଳ / ନିମାପଡା, / ତହସିଲଦାର, ସତ୍ୟବାଦୀ / ନିମାପଡା, ବ୍ଲକଉନ୍ନୟନ ଅଧିକାରୀ, ସତ୍ୟବାଦୀ / ନିମାପଡା, ଉପ ଉଦ୍ୟାନ ନିର୍ଦ୍ଦେଶକ, ସାକ୍ଷିଗୋପାଳ / District e.Governance Manager, Puri / କାର୍ଯ୍ୟକ୍ରମ ସଂଯୋଜକ, କୃଷି ବିଜ୍ଞାନକେନ୍ଦ୍ର, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ତାଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୫୯ ତାରିଖ ୨୮.୭.୨୪

ଏହାର ଏକକିତା ନକଲ ଯୁଗ୍ମ କୃଷି ନିର୍ଦ୍ଦେଶକ (ଫାର୍ମ ଏବଂ ବିହନ), ଓଡିଶା, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ